# ଅବହେଳିତ ଅବସ୍ଥାରେ ଚନ୍ଦ୍ରଭାଗା ବିଜୁ ପଟ୍ଟନାୟକ ସ୍ମାରକୀ

**କୋଣାର୍କ, (ଦେବୀ ପ୍ରସାଦ ନାୟକ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୪କିମି ଦୂରରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ବିଜୁ ପଟ୍ଟନାୟକ ସ୍ମାରକୀ ପୀଠ । ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ



ପଡି ରହିଛି । ଖବରରୁ ପ୍ରକାଶ ଯେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ବିଜୁ ପଟ୍ଟନାୟକ ସ୍ମାରକୀ ପୀଠ ୨୦୦୫ ମସିହା ଡିସେମ୍ବର ୧୦ ତାରିଖରେ ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା ବେଳେ ତତ୍କାଳୀନ କାକଟପୁର ବିଧାୟକ ତଥା ତତ୍କାଳୀନ କୃଷି ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଥିଲା । ଚନ୍ଦ୍ରଭାଗା ଠାରେ ନିର୍ମିତ ବିଜୁ ପଟ୍ଟନାୟକ ସ୍ମାରକୀ ପୀଠର ରକ୍ଷଣାବେକ୍ଷଣ ଦାୟିତ୍ୱ କୋଣାର୍କ ଏନଏସି କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଥିବା ବେଳେ ପରିଚାଳନା ଦାୟିତ୍ୱରେ ଚନ୍ଦ୍ରଭାଗା ବୋଇତ ବନ୍ଦାଣ ଉତ୍ସବ କମିଟିକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏଠାରେ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ଚତୁଃପାର୍ଶ୍ୱରେ ରେଲିଂ ଲଗାଇ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଥିଲା । ଏହି ସ୍ମାରକୀ ପୀଠ ନିର୍ମାଣ ହେବାର ୧୯ ବର୍ଷ ବିତିଗଲାଣି ମାତ୍ର ପୁରୀ ଜିଲ୍ଲା ପ୍ରଶାସନ, ସଂସ୍କୃତି ବିଭାଗ ଓ କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସାମୁଦ୍ରିକ ଲୁଣା ପବନ ମାଡରେ ନଷ୍ଟ ହେବାକୁ ବସିଛି । ଏହି ସ୍ମାରକୀ ପୀଠର ଚତୁଃପାର୍ଶ୍ୱରେ ନିର୍ମାଣ କରାଯାଇଥିବା ରେଲିଂ, ପାର୍କିଂ ସ୍ଥାନ ଓ ଗେଟ ଏବେ ନଷ୍ଟଭ୍ରଷ୍ଟ ହୋଇଛି । ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ବିଜୁ ପଟ୍ଟନାୟକ ସ୍ମାରକୀ ପୀଠର ପୁନରୁଦ୍ଧାର, ପ୍ରତିମୂର୍ତ୍ତିର ସୌନ୍ଦର୍ଯ୍ୟକରଣ ସମେତ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ପୁରୀ ଜିଲ୍ଲାପାଳ ପ୍ରମୁଖଙ୍କୁ ନିବେଦନ କରିଛନ୍ତି ।

# ଖରିଫ୍ ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି ବୈଠକ

**ପୁରୀ (ଜଗନ୍ନାଥ ଖୁଣ୍ଟିଆ) :** ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଖରିଫ୍ ଋତୁ ୨୦୨୪-୨୫ରେ ଧାନ ସଂଗହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ଭାରପ୍ରାପ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝି, କୋଅପରେଟିଭ ଉପନିବନ୍ଧକ ସୁନିତା ପତି, ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ବରିଷ୍ଠ ସହକାରୀ ନିବନ୍ଧକ, କୋଅପରେଟିଭ ସୋସାଇଟି ସ୍ୱରୂପ କୁମାର କର, ଚାଷୀ ପ୍ରତିନିଧି ଅଶୋକ ପ୍ରଧାନ, ଧରଣୀଧର ସାହୁ ଓ ପ୍ରମୋଦ କୁମାର ସ୍ୱାଇଁ ଏବଂ ମିଲର୍ ପ୍ରତିନିଧି ସୂର୍ଯ୍ୟନାରାୟଣ ସେନାପତି ଓ ଦେବରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ



ଥିଲେ। ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପ୍ରତ୍ୟେକ ମଣ୍ଡି ପାଇଁ ଜଣେ ନୋଡ଼ାଲ ଅଧିକାରୀ ନିଯୁକ୍ତ ହେବେ ଏବଂ ଚାରିରୁ ପାଞ୍ଚଟି ମଣ୍ଡିପାଇଁ ଜଣେ ସୁପର ଭାଇଜିଙ୍ଗ ଅଧିକାରୀ ନିଯୁକ୍ତ ହେବେ। ଋଇଛ ମାନର ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ପ୍ରତି କୁଇଣ୍ଟାଲ୍ ରହିଛି ।ଏହା ଛଡା ରାଜ୍ୟ ସରକାରଙ୍କ ତରଫରୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତା ଦିଆଯିବ। ଏହିପରି ଭାବେ ପ୍ରତି କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା ପ୍ରଦାନ କରାଯିବ। ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ନିମନ୍ତେ ଚାଷୀ ସଚେତନତା କରିବା ସହ ଚାରିଗୋଟି ଧାନ analyser ମେସିନ କ୍ରୟ କରିବାକୁ RMC କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି।

# ଶୀତଳ ଭଣ୍ଡାର ନିର୍ମାଣ ହେଉ : ଶହ ଶହ ଚାଷୀ ଉପକୃତ ହୋଇପାରିବେ

**ନିଶ୍ଚିନ୍ତକୋଇଲି (ପ୍ରମୋଦ କୁମାର ପରିଡ଼ାଙ୍କ ଠାରୁ ) :** ନିଶ୍ଚିନ୍ତକୋଇଲି ଅଞ୍ଚଳ ଏକ କୃଷିପ୍ରଧାନ ଅଞ୍ଚଳ । ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ଗୋଟି ପଞ୍ଚାୟତ ଏବଂ କଟକ ସଦରର ୧୪ ଗୋଟି ପଞ୍ଚାୟତ ଏହି ବ୍ଲକରେ ରହିଅଛି । ଏକ କୃଷିପ୍ରଧାନ ଅଞ୍ଚଳ ଭାବରେ ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ଚାଷୀଭାଇମାନେ ବର୍ଷର ବିଭିନ୍ନ ସମୟରେ ପନିପରିବା ଚାଷ କରିଥାନ୍ତି । ଆଳୁ, ଟମାଟୋ, ବନ୍ଧାକୋବି, ଫୁଲକୋବି, ବାଇଗଣ, ବିଭିନ୍ନ କିସମର ଛୁଇଁ ଇତ୍ୟାଦି ଉତ୍ପାଦନ କରୁଥିଲେ ହେଁ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ସରକାରୀ ଶୀତଳଭଣ୍ଡାର ନଥିବାରୁ ଏସବୁକୁ ସାଇତି ରଖିବାରେ ଚାଷୀଭାଇମାନେ ସୁଯୋଗ ପାଆନ୍ତି ନାହିଁ । ଫଳରେ ସେମାନେ ଉତ୍ପାଦନ କରିଥିବା ପନିପରିବା ଗୁଡ଼ିକୁ କମ୍ ଦାମରେ ବିକ୍ରି କରି କ୍ଷତିଗ୍ରସ୍ତ ହୋଇଥାନ୍ତି । ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଗୋଟିଏ ସରକାରୀ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲେ ଚାଷୀଭାଇମାନେ ବେଶ୍ ଉପକୃତ ହୋଇପାରନ୍ତେ । ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ସମାଜସେବୀ ଡ. ପ୍ରତାପ ଚନ୍ଦ୍ର ରାଉତ ଏବଂ ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି ।

## ସତର୍କତା ସଚେତନତା ସପ୍ତାହ : ପୂର୍ବତଟ ରେଳପଥ କର୍ମଚାରୀଙ୍କ ଶପଥ

# ସତର୍କତା ସଚେତନତା ସପ୍ତାହ ପାଳନର ମୂଳମନ୍ତ୍ର : ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧି

**ଭୁବନେଶ୍ୱର, (ଯୁବମୋର୍ଚ୍ଚା ବ୍ୟୁରୋ) :** ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ରେଳପଥର ମୁଖ୍ୟାଳୟରେ ରେଳ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସତ୍ୟନିଷ୍ଠ ଓ ଅଖଣ୍ଡତାର ଶପଥ ଗ୍ରହଣ କରାଇଛନ୍ତି । ଏହି ସଚେତନତା ସପ୍ତାହ ରେଳବାଇ କାର୍ଯ୍ୟର ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ଲକ୍ଷ୍ୟ କରି ଭିଜିଲାନ୍ସ ସଚେତନତା ସପ୍ତାହ ୨୦୨୪ ର ପ୍ରାରମ୍ଭକୁ ସୂଚିତ କରୁଛି । ସତର୍କତା ସଚେତନତା ଶପଥ ଗ୍ରହଣ ସମାରୋହରେ ରେଳ କର୍ମଚାରୀମାନେ ସେମାନଙ୍କର ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମ୍ଭାବ୍ୟତା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ପ୍ରତିଶୃତି ଦେଇଥିଲେ । ଏହି ଶପଥଗ୍ରହଣ ଉତ୍ସବରେ ଲାଞ୍ଚ କାରବାର ନକରିବା, ସଚ୍ଚୋଟତା ସହିତ ସମସ୍ତ କାର୍ଯ୍ୟ କରିବା, ଜନସାଧାରଣଙ୍କ ସ୍ୱାର୍ଥରେ କାର୍ଯ୍ୟ କରିବା ଏବଂ ଅଖଣ୍ଡତା ପ୍ରଦର୍ଶନ କରିବାରେ ଉଦାହରଣ ଦେଇ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କର୍ମଚାରୀମାନଙ୍କୁ ମଧ୍ୟ ଉପଯୁକ୍ତ ଅଧିକାରୀଙ୍କୁ ଦୁର୍ନୀତି ଘଟଣା ଜଣାଇବାକୁ ଉତ୍ସାହିତ



କରାଯାଇଥିଲା ।

ସତର୍କତା ସଚେତନତା ସମାବେଶକୁ ସମ୍ବୋଧିତ କରି ଶ୍ରୀ ଫୁଙ୍କୱାଲ ଦର୍ଶାଇଛନ୍ତି ଯେ ଦେଶର ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପାଇଁ ଦୁର୍ନୀତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇ ରହିଛି । ଦୁର୍ନୀତିର ପ୍ରଭାବଶାଳୀ ମୁକାବିଲା ପାଇଁ ସରକାରୀ ଏବଂ ବେସରକାରୀ କ୍ଷେତ୍ର ତଥା ନାଗରିକଙ୍କ ସମେତ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଛନ୍ତି ଯେ ପ୍ରତ୍ୟେକ ନାଗରିକ ସର୍ବୋଚ୍ଚ ସଚ୍ଚୋଟତା ଏବଂ ଅଖଣ୍ଡତା ପ୍ରତି ପ୍ରତିବଦ୍ଧ ହେବା ଆବଶ୍ୟକ, ଯାହାଦ୍ୱାରା ଦୁର୍ନୀତି ବିରୋଧରେ ସାମୂହିକ ସଂଗ୍ରାମକୁ ମୁକାବିଲା କରାଯାଇ ହେବ । ଅକ୍ଟୋବର ୨୮ ରୁ ୨ ନଭେମ୍ବର, ୨୦୨୪ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଭିଜିଲାନ୍ସ ସଚେତନତା ସପ୍ତାହରେ ରେଳ କର୍ମଚାରୀ, ଜନସାଧାରଣ ଏବଂ ରେଳ ବ୍ୟବହାରକାରୀଙ୍କୁ ଅଖଣ୍ଡତାର ଗୁରୁତ୍ୱ ବିଷୟରେ ସଚେତନତା କରାଇବା ଉଦ୍ଦେଶ୍ୟରେ ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରାଯାଇଅଛି । ସତର୍କତା ସଚେତନତା ସପ୍ତାହରେ ଆୟୋଜନ କରାଯାଉଥିବା କାର୍ଯ୍ୟକଳାପ ମାନଙ୍କ ସେମିନାର ଆୟୋଜନ, ସର୍ବସାଧାରଣ କେନ୍ଦ୍ରରେ ବ୍ୟାନର ଏବଂ ପୋଷ୍ଟର ଲଗାଇ ସଚେତନତା ସୃଷ୍ଟି କରାଇବା, ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା, ରେଳ କର୍ମଚାରୀ ଏବଂ ଉପଭୋକ୍ତାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ବ୍ୟାପକ ପରିକଳ୍ପନା କରାଯାଇଛି । ଏହି ଶପଥ ଗ୍ରହଣ ସମାରୋହରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏବଂ ମୁଖ୍ୟ ଭିଜିଲାନ୍ସ (ସତର୍କତା) ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ବିଜୟ କୁମାର ମିଶ୍ରଙ୍କ ସମେତ ରେଳପଥର ସମସ୍ତ ବିଭାଗର ପ୍ରମୁଖ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମକୁ ରେଳପଥର ଉପମୁଖ୍ୟ ସତର୍କତା ଅଧିକାରୀମାନେ ପରିଚାଳନା କରିଥିଲେ । ପୂର୍ବତଟ ରେଳପଥ ସର୍ବଦା ଅଖଣ୍ଡତା ଏବଂ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତା ଜାରି ରଖିଛି ଯାହାକି ରେଳ କର୍ମଚାରୀ ମାନଙ୍କ ସହ ଜନ ସମୁଦାୟ ମଧ୍ୟରେ ନୈତିକ ଆଚରଣ ପ୍ରତି ଏକ ବ୍ୟାପକ ଆନ୍ଦୋଳନକୁ ପ୍ରେରଣା ଦେବାକୁ ଅନବରତ ଭାବେ ଚେଷ୍ଟା କରିଆସୁଅଛି।